

ବଇଣ୍ଡା,(ପରିକ୍ଷିତ ସାହୁ): କିଶୋରନଗର ଯୁକ୍ତ୨ କଲେଜର ଅଧାପିକା ସ୍ମୃତିଶିଖା ବେହେରା (ଓଡ଼ିଶା ପବ୍ଲିକ ସର୍ଭିସ) ଓପିଏସ୍‌ସି ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ସେ ଧଉରାପାଲି ଗ୍ରାମର ପ୍ରବୀର କୁମାର ବେହେରାଙ୍କ ଝିଅ। ସେ ଓଡ଼ିଆ ଅଧାପକ ଭାବରେ କାର୍ଯ୍ୟ କରୁଥିବା ବେଳେ ଏହି ପରୀକ୍ଷାରେ ସଫଳତା ପାଇଁ ଦୀର୍ଘଦିନ ହେଲା ପରିଶ୍ରମ କରୁଥିଲେ। ତାଙ୍କର ସଫଳତା ପଛରେ ପରିବାର ସମ୍ପୂର୍ଣ୍ଣ ସହଯୋଗ ଥିବାବେଳେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯାଇଛି।

## କଂଗ୍ରେସ ନେତାଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହୃତ



**ବଅଁରପାଳ,୧୦।୧୦(ଉପେନ୍ଦ୍ର ରାଉତ):** ଅନୁଗୋଳ କଂଗ୍ରେସର ବରଷ୍ଠ ନେତା ତଥା ପୂର୍ବତନ ଜିଲା ପରିଷଦ ସଦସ୍ୟ ବେଣୁଧର ସାହୁଙ୍କ ଉପରୁ ନିଲମ୍ବନ ଆଦେଶକୁ ପ୍ରତ୍ୟାହୃତ ହୋଇଛି। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ଅନୁମୋଦନ କ୍ରମେ ଅନୁଗୋଳ ଜିଲା କଂଗ୍ରେସ ସଭାପତି ସଂଗ୍ରାମ ମିଶ୍ର ଏହି ନିଲମ୍ବନ ପ୍ରତ୍ୟାହାର କରିଛନ୍ତି। ଏହାଦ୍ୱାରା ଅନୁଗୋଳ କଂଗ୍ରେସ ସଙ୍ଗଠନ ମଜଭୁତ ହେବ ବୋଲି ଜିଲା କଂଗ୍ରେସ ଆଶା ପୋଷଣ କରିଥିବା ଏକ ପ୍ରେସ୍ ବିଜ୍ଞପ୍ତିରେ ଜିଲା ମୁଖପାତ୍ର ଗୋପାଳ ଚନ୍ଦ୍ର ନାଥ ଜଣାଇଛନ୍ତି।

# ତାଳଚେରରେ ୧୨ ଘଣ୍ଟିଆ ବନ୍ଦ ପାଳନ

**ତାଳଚେର,୧୦।୧୦ (ମନୋଜ ନନ୍ଦ)**

ତାଳଚେର ମେଡିକାଲ କଲେଜକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ଦାବିରେ ମଙ୍ଗଳବାର ତାଳଚେର ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ୧୨ ଘଣ୍ଟିଆ ତାଳଚେର ବନ୍ଦ ପାଳନ କରାଯାଇଛି। ଏହି ବନ୍ଦ ଡାକରାକୁ କଂଗ୍ରେସ, ଆମ ଆଦ୍‌ମୀ ପାର୍ଟି, ତାଳଚେର ବସ୍ ମାଲିକ ସଂଘ ସମେତ ବିଭିନ୍ନ ଅନୁଷ୍ଠାନ ସମର୍ଥନ ଘୋଷଣା କରିଥିଲେ। ଏହି ବନ୍ଦ ପାଳନ ଯୋଗୁ ସହରରେ ଦୋକାନ ବଜାର ବନ୍ଦ ରହିଥିବା ବେଳେ ଏମ୍‌ସିଏଲ୍ କୋଇଲା ଖଣି ଅଞ୍ଚଳରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା। କୋଇଲା ଉତ୍ପାଦନ ବାଧାପ୍ରାପ୍ତ ହୋଇଥିବା ବେଳେ ଉଭୟ ରେଳପଥ ଓ ସଡ଼କ ପଥରେ କୋଇଲା ପରିବହନ ହୋଇପାରି ନ ଥିଲା। ସେହିପରି ଗାଡ଼ି ଚଳାଚଳ ଠପ୍ ହୋଇଯାଇଥିଲା। ଆଇନ ଶୃଙ୍ଖଳା ପରିସ୍ଥିତି ସ୍ୱାଭାବିକ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

ପ୍ରକାଶ ଯେ, ତାଳଚେର ମେଡିକାଲ କାଲେଜ ପାଇଁ ଏମ୍‌ସିଏଲ୍ ସହଯୋଗରେ ବିଲ୍ଡିଂ ନିର୍ମାଣ ଦୀର୍ଘ ବର୍ଷ ହେବ ଶେଷ ହୋଇଥିବା ବେଳେ ଏଯାଏ ତାହା କାର୍ଯ୍ୟକ୍ଷମ ହୋଇପାରିନାହିଁ। ଅକ୍ଟୋବର ପହିଲାରୁ ଏଠାରେ ରୋଗୀ ସେବା ଆରମ୍ଭ ହେବ ବୋଲି କୁହାଯାଇଥିଲେ ହେଁ ତାହା କାର୍ଯ୍ୟକାରୀ କରାଯାଇ ନାହିଁ। ତେଣୁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ଆନ୍ଦୋଳନ କରାଯାଇଥିଲା। କମିଟି ଆବାହକ ପଦ୍ମଚରଣ ସାମଲ, ବିନୋଦ ଲାଲ, ସଂଗ୍ରାମ କେଶରୀ କୁଅଁର, ସଞ୍ଜୀବ ନାଏକ, ଶୋଭାଗିନୀ ଦାସ, କେଶବ ଭୂତିଆ, ଜିତେନ୍ଦ୍ର କୁମାର ଦାସ, ପ୍ରଫୁଲ୍ଲ ନାଏକଙ୍କ ସମେତ ବହୁ ସଂଖ୍ୟାରେ ଜନସାଧାରଣ ସାମିଲ ହୋଇଥିଲେ।




କ୍ରିୟାନୁଷ୍ଠାନ କମିଟି ଓ ସମର୍ଥନକାରୀଙ୍କ ପକ୍ଷରୁ ବନ୍ଦ ପାଳନ କରାଯାଉଛି।

## ମନ୍ଦିର ପରିସରରେ ଚାରା ରୋପଣ



**ମାଧପୁର,୧୦।୧୦ (ମନୋଜ ପ୍ରଧାନ)**

ଆଠମଲ୍ଲିକ ବ୍ଲକ କିଆକଟା ପଞ୍ଚାୟତ ଧୁଡ଼ିଆପଡ଼ା ଶିବ ମନ୍ଦିର ପରିସରରେ ସୋମବାର ବାବା କପିଳେଶ୍ୱର ବୋଲବୋମ ସଂଘ ନାଏକପଡା ତରଫରୁ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ନାଏକପଡ଼ା ଫରେଷ୍ଟ ବିଟ୍‌ର ବନରକ୍ଷୀ ତ୍ରିନାଥ ବିଶ୍ୱାଳଙ୍କ ପ୍ରଚେଷ୍ଟାରେ ସଂଘର ସଦସ୍ୟ ସରୋଜ ପ୍ରଧାନ, ସବ୍ୟସାଚୀ କର୍ମୀ, ହେରମ୍ବ ପ୍ରଧାନ, ପ୍ରତ୍ୟୁଷ କର୍ମୀ, ଧୀରେନ କଳତା, ବିପିନ ଲୋଇ, ମୁରାରୀ କର୍ମୀ, ଶ୍ରୀକାନ୍ତ ସେଠୀ, ସିଲୁ ସେଠୀ, ରମେଶ ବଡ଼ମାଳି, ବୁଦ୍ଧଦେବ କର୍ମୀ, ବିକାଶ କର୍ଣ୍ଣ, ସୁଦର୍ଶନ ବାଘ, ସରୋଜ ସେଠୀ, ରଜତ ଦେହୁରୀ ପ୍ରମୁଖ ଉପସ୍ଥିତ ରହି ଚାରାରୋପଣ କରିଥିଲେ।

## ଟ୍ରଲିରେ ବୁହାହେଲା ଅସହାୟ ବୃଦ୍ଧାଙ୍କ ମୃତଦେହ

**ପାଲଲହଡା,୧୦।୧୦(ଦିବ୍ୟଜ୍ୟୋତି ଦାଶ)**

ଦେଖିବାକୁ ମିଳିଲାନି ମାନବିକତା। ଅସହାୟ ବୃଦ୍ଧାଙ୍କ ମୃତ୍ୟୁ ପରେ ମିଳିଲାନି ଚାରି କାନ୍ଧ। ଶେଷରେ ଟ୍ରଲିରେ ବୁହା ହୋଇ ମଶାଣିକୁ ଗଲା ମୃତଦେହ। ଏମିତି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଅନୁଗୋଳ ଜିଲା ପାଲଲହଡା ଉପଖଣ୍ଡର ସାମନ୍ତ ସାହିରେ।

ସୂଚନା ଅନୁଯାୟୀ, ନିଜିଗଡ଼ ପଞ୍ଚାୟତ ସାମନ୍ତସାହିର ଯଦୁମଣି ମହାପାତ୍ରଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ ଦେବକୀ ମହାପାତ୍ର (୮୦) ଏକା ରହି ଆସୁଥିଲେ। ଜଣେ ଭିନ୍ନକ୍ଷମ ଝିଆରି ତାଙ୍କର ସାହାରା ଥିଲେ। ହେଲେ ରୋଗ ଯୋଗୁ ସେ କିଛିଦିନ ହେଲା ଶଯ୍ୟାଶାୟୀ ଥିଲେ। ବିଛଣାରେ ପଡ଼ି ରହିବା ଦ୍ୱାରା ଦେହ ସାରା ଘା ହୋଇଯାଇଥିଲା। ଏହାପରେ କେହି ବି ତାଙ୍କ ପାଖ ମାଡ଼ି ନ ଥିଲେ। ଖବରପାଇ ମା' କୁଣ୍ଡେଇବିରା ସେବା ସଙ୍ଗଠନର କାର୍ଯ୍ୟକର୍ତ୍ତାମାନେ ଚିକିତ୍ସା କରିଥିଲେ। ହେଲେ ମଙ୍ଗଳବାର ଦେବକୀଙ୍କ ମୃତ୍ୟୁ ହୋଇଯାଇଥିଲା। ସଙ୍ଗଠନର ସଦସ୍ୟମାନେ ଏ ନେଇ ଖବର ପାଇ ନ ଥିବାବେଳେ ଅନ୍ୟ କେହି ତାଙ୍କ ମୃତଦେହ ଉଠାଇବାକୁ ଆସି ନ ଥିଲେ। ଦୀର୍ଘସମୟ ଧରି ମୃତଦେହ ପଡ଼ି ରହିଥିଲା। ସରପଞ୍ଚ ଶଶୀଭୂଷଣ ଆଚାର୍ଯ୍ୟଙ୍କ ହସ୍ତକ୍ଷେପ ପରେ ନାଏବ ସରପଞ୍ଚଙ୍କ ସହଯୋଗରେ ଏକ ଟ୍ରଲିରେ ମୃତଦେହ ମଶାଣିକୁ ନିଆଯାଇଥିଲା। ସେଠାରେ ଜେସିବିରେ ଗାତ ଖୋଳି ପୋତାଯାଇଥିଲା। ସାମନ୍ତସାହି ଠାରୁ ମାତ୍ର କେଇ ମିଟର ଦୂରରେ ପ୍ରଶାସନିକ ଅଧିକାରୀମାନଙ୍କ କାର୍ଯ୍ୟାଳୟ ଥିଲେ ହେଁ ମୃତଦେହକୁ ଏପରି ଅସମ୍ମାନ କରାଯିବା ଘଟଣାକୁ ନେଇ ଅନେକ କ୍ଷୋଭବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ସରପଞ୍ଚ ଆଚାର୍ଯ୍ୟ କହିଛନ୍ତି, ଦେବକୀଙ୍କ ମୃତଦେହ ସତ୍କାର ପାଇଁ ସମସ୍ତ ଖର୍ଚ୍ଚ ପଞ୍ଚାୟତ ପକ୍ଷରୁ ବହନ କରାଯାଇଛି। ତାଙ୍କର ଶୁଦ୍ଧି କର୍ମ ପାଇଁ ଉପଜିଲାପାଳଙ୍କ ସହିତ ଯୋଗାଯୋଗ କରି ସହଯୋଗ କରାଯିବ।



ବୃଦ୍ଧାଙ୍କ ମୃତଦେହ ଟ୍ରଲିରେ ବୁହାଯାଉଛି।

## ଧୁମଧାମରେ ପାଳନ ହେବ ସୁବର୍ଣ୍ଣ ଜୟନ୍ତୀ



ପ୍ରସ୍ତୁତି ବୈଠକରେ ଉପସ୍ଥିତ ପୁରାତନ ଛାତ୍ରୀଛାତ୍ରମାନେ।

**କଣିହାଁ,୧୦।୧୦(ସଚ୍ଚିଦାନନ୍ଦ ପ୍ରଧାନ)**

କଣିହାଁ ବ୍ଲକ ଗଣ୍ଡମାଳା ପଞ୍ଚାୟତ କୁଲାବିର ଗ୍ରାମରେ ଥିବା ଚନ୍ଦ୍ରଶେଖର ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଇଁ ଏକ ପ୍ରସ୍ତୁତି ବୈଠକ ରବିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପୁରାତନ ଛାତ୍ର ନବକିଶୋର ଗଡନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପ୍ରଧାନ ଶିକ୍ଷକ ବିଜୟ ନାୟକ, ପୁରାତନ ଛାତ୍ର ତଥା ଶିକ୍ଷକ ବିଜୟ କୁମାର ନନ୍ଦ, କନ୍ତାରୁ ଚରଣ ସାହୁ, କାଶୀନାଥ ନନ୍ଦ, ସମ୍ପାଦକ ପ୍ରସାନ୍ତ କୁମାର ଶତପଥୀ, ପ୍ରତାପ ରଞ୍ଜନ ଶତପଥୀ ପ୍ରମୁଖଙ୍କ ସହିତ ବହୁ ପୁରାତନ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଆସନ୍ତା ଡିସେମ୍ବର ୨୩ରୁ ୨୫ ତାରିଖ ଯାଏ ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଳନ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସମସ୍ତ ପୁରାତନ ଛାତ୍ରୀଛାତ୍ର, ଉତ୍ସବ ପାଳନରେ ଉପସ୍ଥିତ ରହି ସହଯୋଗ କରିବାକୁ ସୁବର୍ଣ୍ଣ ଜୟନ୍ତୀ ପାଳନ କମିଟି ତରଫରୁ ଅନୁରୋଧ କରାଯାଇଥିଲା।

## ମାନସିକ ରୋଗର ନିରାକରଣ ଉପରେ ଆଲୋଚନା

**ଅନୁଗୋଳ,୧୦।୧୦ (ଅମିତ କୁମାର ସାମଲ)**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ 'ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ-୨୦୨୩' ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲା ଓ ଦୌରାଜଜ୍ ପ୍ରଣବ କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରୋଗୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରିବା ସହ ଫଳ ବଣ୍ଟନ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ତଥା ଜିଲା ମିଶନ ନିର୍ଦ୍ଦେଶକ ଡା.ଶିବାନନ୍ଦ ମହାନ୍ତି, ଅତିରିକ୍ତ ଜିଲା ଓ ଦୌରାଜଜ୍ ରଞ୍ଜିତା ଜ୍ୟୋତିଷ, ଫ୍ୟାମିଲ କୋର୍ଟ ଜଜ୍ ସଦାଶିବ ଜେନା, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଇନ୍ଦିରା ପ୍ରିୟଦର୍ଶନୀ, ଜିଲା ଆଇନ ସହାୟତା ପ୍ରାଧିକରଣ ସଚିବ କମଳାକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା, ମହାନ୍ତି ମୁଖ୍ୟ ଅତିଥ୍ୟ ଭାବେ ଯୋଗଦେଇ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନର ଆବଶ୍ୟକତା ଓ ଏହାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ମାନସିକ ରୋଗ ବିଶେଷଜ୍ଞ ଡା. ରଶ୍ମିତା ଭଞ୍ଜଦେଓ ମାନସିକ ଚାପର ଲକ୍ଷଣ ଓ ନିରାକରଣ ଉପରେ ଆଲୋଚନା କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଶ୍ୱ ବିହାରୀ ମହାନ୍ତି, ଡା. ମାନସ ରଞ୍ଜନ ବିଶ୍ୱାଳଙ୍କ ସମେତ ଆଶା, ନର୍ସିଂ ଛାତ୍ରୀ ଓ ପାରାମେଡିକାଲ ଷ୍ଟାଫ ପ୍ରମୁଖ ଯୋଗ ଦେଇଥିଲେ। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ସଞ୍ଚାର ଅଧିକାରୀ ଭରତ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ଜିଲା ମୁଖ୍ୟ ଚିକିତ୍ସାଳୟରେ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଉଛି।

## ତାଳଚେର ବ୍ଲକ କଂଗ୍ରେସର ପଦଯାତ୍ରା




ପଦଯାତ୍ରାରେ ବାହାରିଥିବା କଂଗ୍ରେସ ନେତୃବୃନ୍ଦ।

**ତାଳଚେର,୧୦।୧୦(ମନୋଜ ନନ୍ଦ)**

ତାଳଚେର ବ୍ଲକ କଂଗ୍ରେସ ସଭାପତି ବିଚ୍ଛନ୍ଦ ସାମଲଙ୍କ ନେତୃତ୍ୱରେ ଘରେ ଘରେ କଂଗ୍ରେସ ଘରେ ଘରେ ହାତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ କର୍ମୀମାନେ ମା' ହିଙ୍ଗୁଳାଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ କୁମୁଣ୍ଡା ପଞ୍ଚାୟତର ବିଭିନ୍ନ ଗ୍ରାମରେ ପଦଯାତ୍ରା କରିଥିଲେ। ଗ୍ରାମବାସୀଙ୍କ ସହ ସ୍ଥାନୀୟ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ କୁଶାସନ, ଭ୍ରଷ୍ଟାଚାର, ଅନୀତି ଓ ଉଦାସୀନତା ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ ଗ୍ରାମବାସୀଙ୍କୁ ସଚେତନ କରିଥିଲେ। ତେଣୁ ସାଧାରଣ ଜନତାଙ୍କୁ ସଚେତନ କରାଇ ଆନ୍ଦୋଳନ କରିବା ପାଇଁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପିସିସି ପର୍ଯ୍ୟବେକ୍ଷକ ପ୍ରକାଶ ମିଶ୍ର, ଶରତ ପ୍ରଧାନ, ସଂଗ୍ରାମ କେଶରୀ କୁଅଁର, ରାଜକିଶୋର ସାହୁ, ଦୀନେଶ ସାହୁ, ପ୍ରଫୁଲ୍ଲ ଦାସ, ଦିଗାମ୍ବର ଗଡନାୟକ, ବିରଞ୍ଚି ଧର, ଡାକ୍ତର ମହାନ୍ତି, ସବିତା ଧୀର, ଜମ୍ବେଶ୍ୱର ପଟ୍ଟନାୟକ, ହାଡିବନ୍ଧୁ ବିଶ୍ୱାଳ, ବିଷ୍ଣୁମୋହନ ରଥ, ଦାଶରଥି ସାହୁଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ମା'ମାନେ ଶିଶୁଙ୍କ ମେରୁଦଣ୍ଡ



ମାତୃ କର୍ମଶାଳାରେ ଉପସ୍ଥିତ ମା'ମାନେ।

**ବଇଣ୍ଡା,୧୦।୧୦(ପରିକ୍ଷିତ ସାହୁ)**

ଶିଶୁଙ୍କୁ ଭଲ ସଂସ୍କାର ଦେବାରେ ମା'ମାନଙ୍କ ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ। ତେଣୁ ଶିଶୁମାନଙ୍କୁ ପରିବାରରେ ଭଲ ଶିକ୍ଷା ଦିଆଯାଉ। ମା' ମାନେ ଶିଶୁର ମେରୁଦଣ୍ଡ ବୋଲି ସୋମବାର କିଶୋରନଗର ବ୍ଲକ ବଇଣ୍ଡା ଶିଶୁ ମନ୍ଦିରରେ ଅନୁଷ୍ଠିତ ଶିଶୁ ବାଟିକାରର ମାତୃ କର୍ମଶାଳାରେ ଯୋଗ ଦେଇଥିବା ଅତିଥିମାନେ ଏହି ମତ ପ୍ରକାଶ କରିଛନ୍ତି। ଅନ୍ନପୂର୍ଣ୍ଣା ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଜିଲା ପରିଷଦ ସଦସ୍ୟା ଜୟନ୍ତୀ ପ୍ରଧାନ, ମୁଖ୍ୟବକ୍ତା ଭାବେ ସୁମତି ରାଣୀ ପ୍ରଧାନ, ଅନ୍ୟତମ ଅତିଥି ଭାବେ ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର ନାଥ ଜେନା ପ୍ରମୁଖ ଯୋଗ ଦେଇଥିଲେ। ରଙ୍ଗୋଲି, ଝୋଟି , ସଙ୍ଗୀତ ପ୍ରତିଯୋଗିତା, ଅମୃତ କଳଶ, ଭାଷା ବିକାଶ, ଜ୍ଞାନାତ୍ମକ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସହ ପ୍ରଧାନ ଆଚାର୍ଯ୍ୟା ଜ୍ୟୋତ୍ସ୍ନାମୟୀ ପ୍ରଧାନ, ବିନିତା ପ୍ରଧାନ, ଗୌରୀ ଶତପଥୀ, ବୁଲୁ ପ୍ରସାଦ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ମାରପିଟ ନେଇ ୨ ମାମଲା

**ଛେଣ୍ଡିପଦା,୧୦।୧୦ (ଅଜିତ ଧଳ)**

ଅନୁଗୋଳ ଜିଲା ଜରପଡ଼ା ଥାନା କଞ୍ଚରା ଗ୍ରାମରେ ୨ ପରିବାର ମଧ୍ୟରେ ମାରପିଟ ହୋଇଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ କହିଛି, ସନ୍ଧ୍ୟା ୭ଟା ବେଳେ କଞ୍ଚରା ଗ୍ରାମର ପ୍ରତିମା ମୁଖି ପଡ଼ୋଶୀ ଶିବମନ୍ତୀ ମୁଖିଙ୍କ ଘରପାଖରେ ମଇଳା ପକାଉ ଥିବାବେଳେ ଏହାକୁ ଶିବମନ୍ତୀ ବାରଣ କରିଥିଲେ । ଏ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ପ୍ରତିମାଙ୍କ ସ୍ୱାମୀ ସୁଧୀର ମୁଖି ଓ ଶତ୍ରୁଘ୍ନ ମୁଖି ଆସି ଶିବମନ୍ତୀଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ସୁଧୀର ଏକ ଠେଙ୍ଗାରେ ଶିବମନ୍ତୀଙ୍କୁ ମାଡ ମାରିବାରୁ ତାଙ୍କ ହାତ ଫୁଲି ଯାଇଛି। ସେହିପରି ଶିବମନ୍ତୀଙ୍କ ପରିବାର ପ୍ରତିମାଙ୍କୁ ମାଡ ମରିଥିବା ଅଭିଯୋଗ ହୋଇଛି। ଉଭୟ ପରିବାର ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ -୩୧୮ ଓ ୩୧୯/୨୩ରେ ଦୁଇଟି ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ୪୦ ୟୁନିଟ୍ ରକ୍ତ ସଂଗ୍ରହ

**ଅନୁଗୋଳ,୧୦।୧୦ (ଅମିତ କୁମାର ସାମଲ)**

ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅବସରରେ ଛେଣ୍ଡିପଦା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବଅଁରପାଳ ବ୍ଲକର ବେଣାଗାଡିଆ ପଞ୍ଚାୟତର ବିଜୁ ଯୁବ ଜନତା ଦଳ ଓ ବିଜୁ ଜନତା ଦଳ ଦ୍ୱାରା ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୪୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ (ବସୁଧା)ର ଉପଦେଷ୍ଟା ତଥା ବିଜୁ ଯୁବ ଜନତା ଦଳର ଜିଲା ସଭାପତି ଦୀନେଶ ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ଓ ବିଶିଷ୍ଟ ଅତିଥି ଭାବେ ରାଜ୍ୟ ଯୁବ କଲ୍ୟାଣ ବୋର୍ଡ ଅଧକ୍ଷ ତଥା ସହ ପର୍ଯ୍ୟବେକ୍ଷକ କୁନ ବିହାରୀ ଦାସ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ତଥା ଜିଲା ପରିଷଦ ସଦସ୍ୟ ପ୍ରଦୀପ କୁମାର ସାହୁ, ଦିଲୀପ ପ୍ରଧାନ, ବିଜୁ ଯୁବ ଜନତା ଦଳର ଜିଲା ସାଧାରଣ ସମ୍ପାଦକ ସଞ୍ଜୀବ ସାହୁ, ଜିଲା ସମ୍ପାଦକ ଅମିତ କୁମର ଦାସ ଓ ରୋହିତ ବେହେରା ଉପସ୍ଥିତ ଥିଲେ। ବିଜୁ ଯୁବ ଜନତା ଦଳର ଜିଲା ସମ୍ପାଦକ ସୌରଭ ବେହେରା, ବିଭୂତି ସ୍ୱାଇଁ ଓ ପଞ୍ଚାୟତ ସଭାପତି ପବିତ୍ର ସାହୁ, ଜ୍ୟୋତିରଞ୍ଜନ ନାଏକ, ଗ୍ରାମ ସଭାପତି କୁମର ବେହେରା ପ୍ରମୁଖ ପରିଚାଳନା କରିଥିଲେ।



ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

## ରାଜ୍ୟ, କେନ୍ଦ୍ର ସରକାରଙ୍କୁ ସମାଲୋଚନା




ପଦଯାତ୍ରରେ ସାମିଲ ହାଇଥିବା କଂଗ୍ରେସ ନେତାମାନେ।

**ଛେଣ୍ଡିପଦା,୧୦।୧୦(ଅଜିତ ଧଳ)**

ଛେଣ୍ଡିପଦା ବ୍ଲକ କୋଶଳା ରାମଚଣ୍ଡୀ ପୀଠରେ ବ୍ଲକ କଂଗ୍ରେସ ପକ୍ଷରୁ ମଙ୍ଗଳବାର 'ଘରେ ଘରେ କଂଗ୍ରେସ, ଘରେ ଘରେ ହାତ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି କୃତାର୍ଥ ଦେହୁରୀଙ୍କ ନେତୃତ୍ୱରେ ବହୁ କଂଗ୍ରେସ ନେତା ଓ କର୍ମୀ ଏକତ୍ରିତ ହେବା ସହିତ ଏକ ପଦଯାତ୍ରାରେ କୋଶଳା ବଜାର ଓ ଗ୍ରାମ ପରିକ୍ରମା କରି ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବ ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ପଦଯାତ୍ରାରେ ଯାଇଥିବା ନେତା ଓ କର୍ମୀମାନେ ଘରକୁ ଘର ଯାଇ ଲିଫଲେଟ ବାଣ୍ଟିବା ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଥିଲେ। ଏହି କାର୍ଯ୍ୟକ୍ରମରେ ପିସିସି ସାଧାରଣ ସମ୍ପାଦକ ତଥା ଅନୁଗୋଳ ଜିଲା ପ୍ରଭାରୀ ପ୍ରକାଶ ମିଶ୍ର, ଅଖିଳ ଭାରତ ମହିଳା କଂଗ୍ରେସ ସମ୍ପାଦିକା ସସ୍ମିତା ବେହେରା, ଦୁଷ୍ମନ୍ତ ଦଳ ବେହେରା, ଲୁଲୁ ପାଣିଗ୍ରାହୀ, ଜିତେନ କୁମାର ସାହୁ, ଅଶୋକ ପ୍ରଧାନ, ପୀତବାସ ଦେହୁରୀଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ।

## ଲେଖିକା ଗାୟତ୍ରୀ ସିଂହଙ୍କୁ ବାଇମୁଣ୍ଡି ସାହିତ୍ୟ ପ୍ରତିଭା ସମ୍ମାନ

**ଆଠମଲ୍ଲିକ,୧୦।୧୦(ଉଦୀପ୍ତ ପୁରୋହିତ)**

କଟକ ବିଡାନାସୀ ଶତାବ୍ଦୀ ବିହାରସ୍ଥିତ ବାଇମୁଣ୍ଡି ସାହିତ୍ୟ ଓ ସଂସ୍କୃତି ସୁରକ୍ଷା ସମାଜର ରାଜ୍ୟସ୍ତରୀୟ ବାର୍ଷିକ ମହୋତ୍ସବରେ ଆଠମଲ୍ଲିକର ଲେଖିକା ଗାୟତ୍ରୀ ସିଂହଙ୍କୁ ବାଇମୁଣ୍ଡି ସାହିତ୍ୟ ପ୍ରତିଭା ସମ୍ମାନ- ୨୦୨୩ରେ ସମ୍ମାନିତ କରାଯାଇଛି। ସୁରେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଡ. ମହେଶ୍ୱର ମହାନ୍ତି, ମୁଖ୍ୟବକ୍ତା ଭାବରେ ପ୍ରଫେସର ବୈଷ୍ଣବ ଚରଣ ସାମଲ, ପ୍ରଫେସର ଜୟନ୍ତ କୁମାର ଦାସ, ଶୈଳେଶ୍ୱର ନନ୍ଦ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ଲେଖିକା ସିଂହ ସନ୍ଥକବି ଭୀମଭୋଇ ସାହିତ୍ୟ ସଂସଦର ରାଜ୍ୟ ସଭାପତି ଏବଂ ମାତୃଭୂମି ଶିଶୁ ସାହିତ୍ୟ ମଞ୍ଚର ସଭାପତି ଥିବାବେଳେ ଓଡ଼ିଶାର ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ସହିତ ଜଡ଼ିତ ଅଛନ୍ତି।

# ୨୦ ତାରିଖ ସୁଦ୍ଧା ନିର୍ଦ୍ଧାରଣ ହେବ ଭଡ଼ା

## ଗଠନ ହେଲା ୧୧ଜଣିଆ କମିଟି

**ତାଳଚେର,୧୦।୧୦ (ମନୋଜ ନନ୍ଦ)**

ତାଳଚେରରେ କୋଇଲା ପରିବହନ ଓ ଟ୍ରକ୍‌ର ଉଚିତ ଭଡ଼ାକୁ ନେଇ ସ୍ଥାନୀୟ ଉପଜିଲାପାଳ ମନୋଜ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଏସ୍‌ଡିପିଓ ମାନସ ରଞ୍ଜନ ବାରିକ, ଟ୍ରକ ମାଲିକ ସଂଘ ସଭାପତି ଅରବିନ୍ଦ ଭୂତିଆ, ପରିବହନ ସଂଘ ସଭାପତି ନୟନ ରଞ୍ଜନ ସାହୁ ଓ ସମସ୍ତ ପ୍ଲାଣ୍ଟର ଅଧିକାରୀ ଯୋଗଦେଇ ଉପୁଜିଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

ପ୍ରକାଶ ଯେ, କୋଇଲା ପରିବହନ କରି ଏଠିକାର ଟ୍ରକ୍ ମାଲିକମାନେ ଗୁଜରାଣ ମେଣ୍ଟାଉ ଥିବାବେଳେ ପର୍ଯ୍ୟାପ୍ତ ଲୋଡିଂ ମିଳୁ ନ ଥିବା ଓ ଧାର୍ଯ୍ୟ ଭଡା ପାଉ ନ ଥିବା ଟ୍ରକ୍ ମାଲିକ ସଂଘ ପକ୍ଷରୁ ଅଭିଯୋଗ କରାଯାଇଥିଲା। ୨୦୧୮ ମସିହାରେ ଲାଗୁ ହୋଇଥିବା ଭଡା ଆଜି ପର୍ଯ୍ୟନ୍ତ ଚାଲି ଆସୁଛି। ଏହା ଗାଡିମାଲିକଙ୍କ ପାଇଁ ଅସହ୍ୟ ହୋଇପଡ଼ିଲାଣି। ଏହାକୁ ବିରୋଧ କରି ଟ୍ରକ୍ ମାଲିକମାନେ ୯ ତାରିଖ ମଧ୍ୟରାତ୍ରିରୁ ଆନ୍ଦୋଳନ ଡାକରା ଦେଇଥିଲେ। ତେବେ ଜିଲା ପ୍ରଶାସନ ପକ୍ଷରୁ ଆନ୍ଦୋଳନ ନ କରିବା ପାଇଁ ଅନୁରୋଧ କରାଯିବା ସହ ଏ ନେଇ ବୈଠକ ଡକାଯାଇଥିଲା। ବୈଠକରେ ନିଷ୍ପତ୍ତି ଅନୁଯାୟୀ, ତାଳଚେର ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଟ୍ରକ୍ ମାଲିକ ସଂଘର ସଭାପତି ଓ ଅନ୍ୟ ୪ଜଣ, ପରିବହନ ସଂଘର ୨ଜଣ, ବିଭିନ୍ନ ପ୍ଲାଣ୍ଟ ପକ୍ଷରୁ ୩ଜଣ ଅଧିକାରୀଙ୍କୁ ନେଇ ୧୧ଜଣିଆ କମିଟି ଗଠନ କରାଯାଇଥିଲା। ଏହି କମିଟି ଆସନ୍ତା ୧୭/୧୮ତରିଖ ମଧ୍ୟରେ ଆଲୋଚନା କରି ଆଗାମୀ ୨୦ ତାରିଖରେ ଟ୍ରକ୍‌ର ନୂତନ ଭଡ଼ା ଓ ଲୋଡିଂ କ୍ଷେତ୍ରରେ ଥିବା ସମସ୍ୟା ସମ୍ପର୍କରେ ଚୂଡାନ୍ତ ନିଷ୍ପତ୍ତି ପ୍ରଶାସନକୁ ଜଣାଇବେ। ବୈଠକରେ ଏହି ନିଷ୍ପତ୍ତି ପରେ ଟ୍ରକ୍ ମାଲିକ ସଂଘ ଆନ୍ଦୋଳନକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି ବୋଲି ସଭାପତି ଅରବିନ୍ଦ ଭୂତିଆ ପ୍ରକାଶ କରିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ଟୁକୁନା ସ୍ୱାଇଁ, ସାଧାରଣ ସମ୍ପାଦକ ରତନ ଶତପଥୀ, ପରିବହନକାରୀ ସଂଘ ସାଧାରଣ ସମ୍ପାଦକ ସୁଧୀର ନାଥ, ମହେଶ ଅଗ୍ରୱାଲ, ସଞ୍ଜୟ ଭଞ୍ଜ, ରାଜେଶ ଘୋଷ, ପ୍ରଭାକର ସାହୁ, ବିଜୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ପ୍ରଶାସନିକ ଅଧିକାରୀଙ୍କ ସମେତ ଅନ୍ୟମାନେ।

# ବିଏସ୍ଏନ୍ଏଲ୍ ସେବା ବ୍ୟାହତ

ରାସୋଳ,୧୦।୧୦(ସରୋଜ ମିଶ୍ର)

ଢେଙ୍କାନାଳ ଜିଲା ରାସୋଳ ଅଞ୍ଚଳରେ ୪ଦିନ ହେବ ବିଏସ୍ଏନ୍ଏଲ୍ ସେବା ବ୍ୟାହତ ହୋଇଛି। ଫଳରେ ଉପଭୋକ୍ତାମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମେଡିକାଲ, ଥାନା, ବ୍ୟାଙ୍କ ସେବା, ଗ୍ରାହକ ସେବା କେନ୍ଦ୍ରରେ ସେବା ଓ ଅନ୍ୟାନ୍ୟ ସେବା ଠପ୍ ହୋଇଯାଇଛି। ଏ ନେଇ ଉପଭୋକ୍ତାମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଢେଙ୍କାନାଳ ବିଏସ୍ଏନ୍ଏଲ୍ ଯନ୍ତ୍ରୀ ସଞ୍ଜୟ କୁମାର ସାହୁ କହିଛନ୍ତି, ଭାପୁର ଓ ରାସୋଳ ଏବଂ ଗୁଡିଆକାଟେଣୀ, ହିନ୍ଦୋଳ ମଧ୍ୟରେ ମାଟିତଳେ ଯାଇଥିବା କେବୁଲ କଟିଯାଇଛି। ଦୀର୍ଘ ୨୦ ବର୍ଷ ତଳେ ମାଟିତଳେ ଯାଇଥିବା କେବୁଲ ଗୁଡିକ ଅତି ପୁରୁଣା ହେବା ଏବଂ ବିଭିନ୍ନ ପାଇପ୍‌ଲାଇନ ଯିବା ଯୋଗୁ ସେଗୁଡିକ କଟିଯିବା ଫଳରେ ଏପରି ଅସୁବିଧା ହୋଇଛି। ଯୁଦ୍ଧକାଳୀନ ଭିତିରେ ମରାମତି କରାଯାଉଛି। ଖୁବ୍‌ଶୀଘ୍ର ସେବା ଉପଲବ୍ଧ ହେବ।

# ଦୁର୍ଘଟଣାରେ ସ୍କୁଲ ଛାତ୍ରୀ ମୃତ, ଉତ୍ତେଜନା


ଉତ୍ତ୍ୟକ୍ତ ଲୋକଙ୍କୁ ପୋଲିସ ବୁଝାଶୁଝା କରୁଛି।

ଢେଙ୍କାନାଳ,୧୦।୧୦(ରତନ ନାୟାର)

ଢେଙ୍କାନାଳ ସଦର ଥାନା ଡେରାସିଂହ-ରଞ୍ଜା ରାସ୍ତାରେ ମଙ୍ଗଳବାର ସକାଳ ୭ଟାରେ ଏକ ମିନିଟ୍ରକ୍ ଧକ୍କାରେ ୯ମ ଶ୍ରେଣୀ ଛାତ୍ରୀ ପଦ୍ମିନୀ ସାହୁଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ଉତ୍ତ୍ୟକ୍ତ ଲୋକେ ଦୀର୍ଘ ସମୟ ଧରି ରାସ୍ତାରୋକୋ କରିବାରୁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।

ଘଟଣାରୁ ଜଣାପଡିଛି, ଡେରାସିଂହ ଗ୍ରାମର ରାଧାନାଥ ସାହୁଙ୍କ ବଡ଼ଝିଅ ପଦ୍ମିନୀ ସାହୁ ମଙ୍ଗଳବାର ସକାଳ ୭ଟାରେ ସାଇକେଲ ଯୋଗେ ରଞ୍ଜା ଗ୍ରାମକୁ ଟିଉଶନ ଯାଉଥିବା ବେଳେ କୁକୁଡା ଦାନା ନେଇ ଯାଉଥିବା ଏକ ମିନିଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହାପରେ କ୍ଷତିପୂରଣ ଦାବିରେ ଅଞ୍ଚଳବାସୀ ରଞ୍ଜାଛକ ଠାରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଖବରପାଇ ତହସିଲଦାର ସୁଧାଂଶୁ କୁମାର ସାଓ ଓ ସଦର ଥାନା ଅଧିକାରୀ ପ୍ରଦୀପ କୁମାର ପ୍ରଧାନ ପ୍ରମୁଖ ପହଞ୍ଚି ବୁଝାଶୁଝା କରିଥିଲେ। ପ୍ରଶାସନ ପକ୍ଷରୁ ଅନ୍ତିମ ସଂସ୍କାର ପାଇଁ ମୃତ ଛାତ୍ରୀଙ୍କ ପରିବାରକୁ ରେଡ୍‌କ୍ରସରୁ ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ଏହାପରେ ଦିନ ୧ଟା ସମୟରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା। ପୋଲିସ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଜବତ କରିବା ସହ ଏ ସଂକ୍ରାନ୍ତରେ ନଂ-୮୬୮।୨୩ରେ ମାମଲା ରୁଜୁ କରିଛ। ସ୍କୁଲ ଛାତ୍ରୀଙ୍କ ମୃତ୍ୟୁ ନେଇ ସମ୍ପୃକ୍ତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ


ବାପୁଜୀ ବିଦ୍ୟାଳୟରେ ଏକ ପ୍ରକଳ୍ପର ଶିଳାନ୍ୟାସ କରାଯାଉଛି।

ଢେଙ୍କାନାଳ,୧୦।୧୦(ରତନ ନାୟାର)

ଢେଙ୍କାନାଳ ଏମ୍‌ପି ମହେଶ ସାହୁ ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ୮ଟି ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କାର୍ଯ୍ୟ କରିଛନ୍ତି। ୨୮ଲକ୍ଷ ଟଙ୍କାର ଏସବୁ ପ୍ରକଳ୍ପ ପାଇଁ ଏମ୍‌ପି ଲାଡରୁ ଅର୍ଥ ଖର୍ଚ୍ଚ କରାଯିବ। ଗୋପାଳସାଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଫାଟକ ନିର୍ମାଣ ନିମନ୍ତେ ୨ଲକ୍ଷ ଟଙ୍କାର କାର୍ଯ୍ୟକୁ ଉଦ୍‌ଘାଟନ କରାଯାଇଛି। ବାପୁଜୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀଗୃହ ନିମନ୍ତେ ୮ଲକ୍ଷ ଟଙ୍କା, ବାପୁଜୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀଗୃହ ନିମନ୍ତେ ୫ଲକ୍ଷ, ସୌଦାମିନୀ ସ୍ମୃତିବିଦ୍ୟାପୀଠ ପ୍ରାଚୀର ନିର୍ମାଣ ନିମନ୍ତେ ୩ଲକ୍ଷ ଟଙ୍କା ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏହାଛଡା ଦକ୍ଷିଣକାଳୀ ମନ୍ଦିରର ଭୋଗ ମଣ୍ଡପ ନିର୍ମାଣ ନିମନ୍ତେ ୬ଲକ୍ଷ ଟଙ୍କା, ଦେଉଳସାହିସ୍ଥିତ ନାଗେଶ୍ୱରୀ ମନ୍ଦିର ପ୍ରାଚୀର ନିର୍ମାଣ ନିମନ୍ତେ ୪ଲକ୍ଷ ଟଙ୍କା ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ସମବାୟବିତ୍ ଅକ୍ଷୟ କୁମାର ମହାନ୍ତି, ପୌର ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତ, ପୌରଯନ୍ତ୍ରୀ ରଶ୍ମିତା ମିଶ୍ର, କାଉନ୍‌ସିଲର ମଧୁସ୍ମିତା ସ୍ୱାଇଁ, ସୁମିତ୍ରା ମଲ୍ଲିକ, ଏମ୍‌ପିଙ୍କ ପୌରାଞ୍ଚଳ ପ୍ରତିନିଧି ରୁଦ୍ରାନ୍ତ ଦଳେଇ, ସଦର ବ୍ଲକ ପ୍ରତିନିଧି ପ୍ରତାପ କୁମାର ଦାସ, ଆଇନ୍‌ଜୀବୀ କିଷାନ ବିଶ୍ୱାଳ, ପ୍ରଦୀପ କୁମାର ମଲ୍ଲିକ, ବ୍ରହ୍ମାନନ୍ଦ ସାହୁ, ବିନୋଦ ମହାନ୍ତି, ଜିତେନ୍ଦ୍ର ପଟ୍ଟନାୟକ, ଦୁଷ୍ମନ୍ତ ମହାନ୍ତି, ଅକ୍ଷୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଅଜିତ ସଭାପତି, ବାସୁଦେବ ସମ୍ପାଦକ

ଢେଙ୍କାନାଳ,୧୦।୧୦(ରତନ ନାୟାର)

## ସ୍ୱପ୍ନେଶ୍ୱର ବଜାର ବଣିକ ସଂଘର ନୂତନ କର୍ମକର୍ତ୍ତା

ଢେଙ୍କାନାଳ ସହର କୋରିଆଁ ସ୍ୱପ୍ନେଶ୍ୱର ବଜାର ବଣିକ ସଂଘର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ନିକଟସ୍ଥ ବଳଭଦ୍ରପୁର ଶିବ ମନ୍ଦିର ପରିସରରେ ଏହି ଉପଲକ୍ଷେ ଅନୁଷ୍ଠିତ ବୈଠକରେ ପୂର୍ବତନ ସଭାପତି ସନ୍ତୋଷ ମାହୁନ୍ତ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ଅଜିତ ପ୍ରଧାନ ଓ ଉପସଭାପତି ଭାବେ ମନୋଜ ପୃଷ୍ଟିଙ୍କୁ ଚୟନ କରାଯାଇଥିଲା। ସେହିପରି ସମ୍ପାଦକ ଭାବେ ବାସୁଦେବ ମହାରଣା, ସହ ସମ୍ପାଦକ ଭାବେ ସବ୍ୟସାଚୀ ନାୟକ, କୋଷାଧ୍ୟକ୍ଷ ପ୍ରଦୋଷ ବେହେରା, କାର୍ଯ୍ୟକାରୀ ସଭାପତି ମାନସ ମହାନ୍ତି, ବଳଭଦ୍ର ବେହେରା, ସନ୍ତୋଷ ମାହୁନ୍ତ, ଦିଲୀପ ପାତ୍ର, ବିଜୟ ମହାପାତ୍ର, ମହେନ୍ଦ୍ର ସ୍ୱାଇଁ, ରାକେଶ ଦଳେଇ, ସଞ୍ଜୟ ବେହେରା, ଧରଣୀଧର ସାହୁ, ଦିଲୀପ ବେହେରା, ତୋଫାନି ନାୟକ, ଅକୁଳାନନ୍ଦ ସାହୁ, ବିଦ୍ୟାଧର ସାହୁ ଓ ବୀରବର ସାହୁଙ୍କୁ ଚୟନ କରାଯାଇଥିଲା। ଉପଦେଷ୍ଟା ଭାବେ ଗୋବର୍ଦ୍ଧନ ସାହୁ, ଆଇନଜୀବୀ ଭାବେ ପ୍ରଦୀପ ମିଶ୍ର ମନୋନୀତ ହୋଇଥିଲେ। ବଜାରରେ କୌଣସି ଅସାମାଜିକ କାର୍ଯ୍ୟ କିମ୍ବା ଗଣ୍ଡଗୋଳକୁ ପ୍ରଶ୍ରୟ ଦିଆଯିବ ନାହିଁ। ବଜାରକୁ ସମ୍ପୂର୍ଣ୍ଣ ସିସିଟିଭି ନଜରରେ ରଖାଯିବ। କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲେ ସିସିଟିଭି ଆଧାରରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବୈଠକରେ ନିଷ୍ପତି ହୋଇଥିଲା।

# ଡାକ ବିଭାଗର ଉତ୍ପାଦ, ସେବା ଜାଣିଲେ ଗ୍ରାମବାସୀ


କାଶିଆଡିହି ଗ୍ରାମରେ ଡାକମେଳାରେ ଉପସ୍ଥିତ ଅଧିକାରୀ ଓ ଗ୍ରାମବାସୀ।

ଢେଙ୍କାନାଳ,୧୦।୧୦(ରତନ ନାୟାର)

## କାଶିଆଡିହି ଗ୍ରାମରେ ଡାକମେଳା

ଢେଙ୍କାନାଳ ଡାକମଣ୍ଡଳର ଢେଙ୍କାନାଳ ଡାକ ଉପଖଣ୍ଡ ନିରୀକ୍ଷକ ସଦାଶିବ ରାଉତଙ୍କ ନେତୃତ୍ୱରେ ଗଦାଶିଳା ଉପଡାକ ଘର ଅଧୀନ କାଶିଆଡିହି ଗ୍ରାମର କଲ୍ୟାଣ ମଣ୍ଡପଠାରେ ବିତ୍ତୀୟ ସଶକ୍ତୀକରଣ ଦିବସ ଉପଲକ୍ଷେ ମଙ୍ଗଳବାର ଏକ ଡାକମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ଢେଙ୍କାନାଳ ଡାକମଣ୍ଡଳର ଅଧୀକ୍ଷକ ଜଗଦୀଶ ଦାଶ, ଗ୍ରାମ ସଭାପତି ପଦ୍ମଚରଣ ପାତ୍ର, ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ଅଭିଲିପ୍ସା ବିଶ୍ୱାଳ, ଢେଙ୍କାନାଳ ଡାକ ଉପଖଣ୍ଡ ନିରୀକ୍ଷକ ସଦାଶିବ ରାଉତ ଏବଂ ଇଣ୍ଡିଆ ପୋଷ୍ଟ ପେମେଣ୍ଟସ ବ୍ୟାଙ୍କ ମ୍ୟାନେଜର ପ୍ରଶାନ୍ତ କୁମାର ପଣ୍ଡାଙ୍କ ସମେତ ଡାକ କର୍ମଚାରୀ ଏବଂ ୧୫୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଉପସ୍ଥିତ ଥିଲେ। ସଭାରେ ଭାରତୀୟ ଡାକବିଭାଗର ବିଭିନ୍ନ ଉତ୍ପାଦ ଏବଂ ସେବା ବିଷୟରେ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା। ୧୦ ଜଣ ମହିଳାଙ୍କୁ ମହିଳା ସମ୍ମାନ ସଞ୍ଚୟପତ୍ର ପାସ୍‌ବୁକ ପ୍ରଦାନ କରାଯାଇଥିଲା। ଡାକଘର ସଞ୍ଚୟ ଯୋଜନା ଅଧିକ ସୁଧ ହାର, ଏଟିଏମ, ଚେକବୁକ, ଇଣ୍ଟରନେଟ ଏବଂ ମୋବାଇଲ ବ୍ୟାଙ୍କିଙ୍ଗ ଭଳି ଉନ୍ନତମାନର ସେବା ଯୋଗାଇଦେଉଛି ବୋଲି ଡାକ ଅଧୀକ୍ଷକ ଜଗଦିଶ ଦାସ ସୂଚନା ଦେଇଥିଲେ। ଡାକ ଓଭରସିୟର ଅଭିଳାଷ ମହାପାତ୍ର ଏବଂ ମୋତିଲାଲ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ଅକ୍ଷୟ ସାହୁ ମଞ୍ଚ ପରିଚାଳନା କରିଥିଲେ।

# ଉତ୍କଳମଣିଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅ

ଢେଙ୍କାନାଳ,୧୦।୧୦(ରତନ ନାୟାର)

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଉତ୍କଳମଣି ଗୋପବନ୍ଧୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବିଭାଗର ମୁଖ୍ୟ ଶୁଭ୍ରକାନ୍ତ ପାଣିଙ୍କ ପୌରିହିତ୍ୟରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ ରଞ୍ଜିତ କୁମାର ପ୍ରଧାନ, ମୁଖ୍ୟବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଡ. ସଂଘମିତ୍ରା ମିଶ୍ର, ସମ୍ମାନିତ ଅତିଥି ଭାବେ ଗଣିତ ବିଭାଗ ମୁଖ୍ୟ ଡ. ସୁରେଖା ବଳିଆରସିଂ ପ୍ରମୁଖ ଯୋଗଦେଇ ଉତ୍କଳମଣି ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ଓଡ଼ିଆ ବିଭାଗ ସ୍ନାତକୋତ୍ତର ଦ୍ୱିତୀୟବର୍ଷ ଛାତ୍ରୀ ଜ୍ୟୋତିର୍ମୟୀ ପାତ୍ର ଓ ସମାପିକା ପଣ୍ଡା ପ୍ରବନ୍ଧ ପାଠ କରିଥିଲେ। ଓଡିଆ ବିଭାଗ ଅଧ୍ୟାପକ ରଶ୍ମିରଞ୍ଜନ ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।



ଢେଙ୍କାନାଳ କଲେଜ ଓଡ଼ିଆ ବିଭାଗ ପକ୍ଷରୁ ଉତ୍କଳମଣିଙ୍କ ଜୟନ୍ତୀ।

# ସତ୍ୟନାରାୟଣ ପୂଜାରେ ଭାଗନେଲେ ୧୦୮ ଦମ୍ପତି


ସାଇ ସତ୍ୟନାରାୟଣ ପୂଜାରେ ୧୦୮ ଦମ୍ପତିଙ୍କ ଯୋଗଦାନ।

ଢେଙ୍କାନାଳ,୧୦।୧୦(ରତନ ନାୟାର)

ଢେଙ୍କାନାଳ ସାଇ ସତ୍‌ସଙ୍ଗ ସେବା ଟ୍ରଷ୍ଟ ଆନୁକୂଲ୍ୟରେ ସାଇ ବାବାଙ୍କ ସତ୍ୟନାରାୟଣ ବ୍ରତ ପୂଜା ଶ୍ରୀରାମ ମଣ୍ଡପ ଠାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ ବିଶାଳ ଶୋଭାଯାତ୍ରା ବାଜିଚୌକ ଠାରୁ ବାହାରି ଶ୍ରୀରାମ ମଣ୍ଡପଠାରେ ପହଞ୍ଚିବା ପରେ ଭକ୍ତମାନେ ପାଦୁକା ଦର୍ଶନ କରିଥିଲେ। ଦ୍ୱିତୀୟ ଦିବସରେ ସାଇ ସତ୍ୟନାରାୟଣ ବ୍ରତ ପୂଜାରେ ୧୦୮ ଦମ୍ପତି ଅଂଶଗ୍ରହଣ କରିଥିଲେ। ଶିରିଡିର ମୁଖ୍ୟ ପୂଜାରୀଙ୍କ ଦ୍ୱାରା ଏହି ପୂଜା ସମ୍ପାଦିତ ହୋଇଥିଲା। ସେହିପରି ତୃତୀୟ ଦିନ ସାଇ ସତ୍‌ଚରିତ ସମୂହ ପାରାୟଣ ପାଠ କରାଯାଇଥିଲା। ବିଶ୍ୱର କଲ୍ୟାଣ ନିମନ୍ତେ ଅଖଣ୍ଡଦୀପ ପ୍ରଜ୍ୱଳନ କରାଯାଇ ଆରତୀ କରିବା ସହିତ ପାରାୟଣର ଶୁଭାରମ୍ଭ କରାଯାଇଥିଲା। ମୁଖ୍ୟ ପାଠକ ଶିବ ପ୍ରସାଦ ପଣ୍ଡା ଓ ମୁଖ୍ୟ ପାଠିକା ଅମ୍ରିତା ନାଥ ପାରାୟଣକୁ ପଠନ କରିଥିଲେ। ଶିରିଡି ସଂସ୍ଥାନର ସାଇ ପ୍ରବଚକଙ୍କ ଦ୍ୱାରା ସାଇ ପ୍ରବଚନ କାର୍ଯ୍ୟକ୍ରମ ହୋଇଥିଲା। ସମସ୍ତ କାର୍ଯ୍ୟକୁ ଅମରେନ୍ଦ୍ର ଖୁଣ୍ଟିଆ ସଂଯୋଜନା କରିଥିଲେ।

# ଗୁଳିମାଡ଼ ମାମଲା: ବନ୍ଧୁକ ଜବତ

ଢେଙ୍କାନାଳ,୧୦।୧୦ (ରତନ ନାୟାର)

ଢେଙ୍କାନାଳ ସଦର ଥାନା ହରିପୁର ଗ୍ରାମରେ ସୋମବାର ରାତି ୮ଟା ସମୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମୋହିନୀ ଶଙ୍କର ସାହୁଙ୍କୁ ଶିବ ନାୟକ ଗୁଳି କରିଥିଲେ। ହେଲେ ମୋହିନୀ ଅଳ୍ପକେ ବର୍ତ୍ତି ଯାଇଥିଲେ। ଅଭିଯୋଗ ପାଇ ପୋଲିସ ରାତିରେ ୨ଟି ଗୁଳି ଓ ଘଟଣାରେ ବ୍ୟବହୃତ ବନ୍ଧୁକ ଜବତ କରିଥିଲା। ମଙ୍ଗଳବାର ଏ ସଂକ୍ରାନ୍ତରେ ସଦର ଥାନାରେ ନଂ-୮୬୭।୨୩ରେ ଏକ ମାମଲା ରୁଜୁ ହୋଇଛି। ହେଲେ ଘଟଣାକୁ ୨୪ ଘଣ୍ଟା ବିତିଯାଇଥିଲେ ହେଁ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିପାରିନାହିଁ। ପୋଲିସ ପକ୍ଷରୁ ଚଢଉ ଜାରି ରହିଛି ବୋଲି ଥାନା ଅଧିକାରୀ ପ୍ରଦୀପ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

# ସଂସ୍କାର ସ୍କୁଲ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ



ସଂସ୍କାର ସ୍କୁଲ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ କରାଯାଉଛି।

ଢେଙ୍କାନାଳ,୧୦।୧୦(ରତନ ନାୟାର)

ଢେଙ୍କାନାଳ ଜିଲା ରହଣୀସ୍ଥିତ ସଂସ୍କାର ପବ୍ଲିକ ସ୍କୁଲ ପକ୍ଷରୁ ଗତ ଶନିବାର ସାମାଜିକ କାର୍ଯ୍ୟକ୍ରମ ଆଧାରରେ ଢେଙ୍କାନାଳ ସହରରେ ଏକ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଶୋଭାଯାତ୍ରାକୁ ଟାଉନଥାନା ଅଧିକାରୀ ରାଜେନ୍ଦ୍ର ମହାପାତ୍ର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଛାତ୍ରୀଛାତ୍ର ଓ ଜନସାଧାରଣ ସୁରକ୍ଷିତ ଭାବେ ଗାଡି ଚଲାଇ ନିଜର ଅମୂଲ୍ୟ ଜୀବନକୁ ସୁରକ୍ଷିତ ରଖିବା ପାଇଁ ମୁଖ୍ୟ ଅତିଥି ପରାମର୍ଶ ଦେଇଥିଲେ। ଏହି ଅବସରରେ ସଂସ୍କାର ପବ୍ଲିକ ସ୍କୁଲ ଏବଂ ଖାରବେଳ ଏକାଡେମୀର ଛାତ୍ରୀଛାତ୍ରମାନେ ଶ୍ରୀବଳରାମ ମନ୍ଦିର ସମ୍ମୁଖରୁ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ସ୍ଥାନୀୟ ଗୋପବନ୍ଧୁ ଟାଉନ ହଲଠାରେ ପହଞ୍ଚିଥିଲେ। ସେଠାରେ ସଚେତନଧର୍ମୀ ପଥପ୍ରାନ୍ତ ନାଟକ ଓ ନୃତ୍ୟ ମାଧ୍ୟମରେ ଲୋକମାନଙ୍କୁ ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଂସ୍କାର ପବ୍ଲିକ ସ୍କୁଲ ଓ ଖାରବେଳ ଏକାଡେମୀର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ ଏବଂ ପରିଚାଳନା ବୋର୍ଡର ସଦସ୍ୟମାନେ ପରିଚାଳନା କରିଥିଲେ।

# ପୋଲ ତଳକୁ ଓଲଟିଲା ଟ୍ରେଲର

ଢେଙ୍କାନାଳ,୧୦।୧୦(ରତନ ନାୟାର)

ଢେଙ୍କାନାଳ ଦେଇ ଯାଇଥିବା ୫୫ନଂ ଜାତୀୟ ରାଜପଥରେ ଦୁର୍ଘଟଣା ବଢିବାରେ ଲାଗିଛି। ମଙ୍ଗଳବାର ଭୋର ସମୟରେ ସଦର ଥାନା ପଞ୍ଚୁପଟି ନିକଟରେ ନିର୍ମାଣାଧୀନ ଏକ ବ୍ରିଜ୍ ତଳକୁ ଏକ ୧୬ ଚକିଆ ଟ୍ରେଲର ଖସି ପଡିଥିଲା। ଚାଳକ ଓ ହେଲପର ଡେଇଁପଡିବାରୁ ଆହତ ହୋଇଥିଲେ। ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଚାଳକ ଆଲିଆ ହୁସେନ(୩୦)ଙ୍କ ଘର ଉତ୍ତରପ୍ରଦେଶର ରାମପୁର ହୋଇଥିବା ବେଳେ ହେଲପରଙ୍କ ପରିଚୟ ମିଳିନାହିଁ। ଟ୍ରେଲରଟି ଅନୁଗୋଳ ଆଡୁ କଟକ ଅଭିମୁଖେ ଯାଉଥିଲା। ଉକ୍ତ ବ୍ରିଜ୍ ନିର୍ମାଣ କାର୍ଯ୍ୟ ସରି ନ ଥିବା ଏବଂ ସେଠାରେ ରାସ୍ତା ବିପଦସଙ୍କୁଳ ଥିଲେ ବି ସାଇନେଜ୍‌ରେ ଠିକ୍ ଭାବେ ଲେଖା ହୋଇ ନ ଥିବାରୁ ଏପରି ଦୁର୍ଘଟଣା ଘଟିଥିଲା। ଏହି ଜଣାପଡିବା ପରେ ସ୍ଥାନୀୟ ଅଞ୍ଚଳର ଡ୍ରାଇଭର ସଂଘ ପକ୍ଷରୁ ତୀବ୍ର ପ୍ରତିବାଦ କରି ରାସ୍ତା ଅବରୋଧ କରାଯାଇଥିଲା। ସଦର ଥାନା ପୋଲିସ ବୁଝାଶୁଝା କରିବା ପରେ ସ୍ଥିତି ନିୟନ୍ତ୍ରଣ ହୋଇଥିଲା। ବ୍ରିଜ୍ ନିର୍ମାଣ କାମ ତୁରନ୍ତ ସାରିବା ପାଇଁ ଜାତୀୟ ରାଜପଥ ବିଭାଗ କର୍ତ୍ତୃପକ୍ଷଙ୍କୁ କୁହାଯାଇଥିଲା। ଢେଙ୍କାନାଳ ଅଗ୍ନିଶମ ସେବା ବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ। ସଦର ଥାନା ପୋଲିସ ଘଟଣାର ତଦନ୍ତ କରୁଛି।


ବ୍ରିଜ୍ ତଳକୁ ଖସିପଡ଼ିଥିବା ଟ୍ରେଲର

# ଦିଲ୍ଲୀ ଗରୱାଲ ଏଫ୍‌ସି ୨-୧ରେ ବିଜୟୀ


ମ୍ୟାଚ ପୂର୍ବରୁ ଅତିଥିଙ୍କ ସହ ଉଭୟ ଦଳର ଖେଳାଳି।

ଢେଙ୍କାନାଳ,୧୦।୧୦(ରତନ ନାୟାର)

## ସର୍ବଭାରତୀୟ ଆମନ୍ତ୍ରଣ ଫୁଟ୍‌ବଲ

ଢେଙ୍କାନାଳ ଜିଲା କ୍ରୀଡ଼ା ସଂଘ ପକ୍ଷରୁ ସ୍ଥାନୀୟ ଷ୍ଟାଡିୟମଠାରେ ଜିଲା ପ୍ରଶାସନ, ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଓ ସ୍ୱର୍ଗତ ଅଧିକାରୀ ସାମଲ ମେମୋରିଆଲ ଟ୍ରଷ୍ଟର ମିଳିତ ସହଯୋଗରେ ଚାଲିଥିବା ୫ମ ସର୍ବଭାରତୀୟ ଆମନ୍ତ୍ରଣ ଫୁଟ୍‌ବଲ ପ୍ରତିଯୋଗିତାର ମଙ୍ଗଳବାର ମ୍ୟାଚରେ ଦିଲ୍ଲୀ ଗରୱାଲ ଏଫ୍‌ସି ୨-୧ ଗୋଲରେ ଜଗା ୟୁନାଇଟେଡ୍ ଭୁବନେଶ୍ୱରକୁ ପରାସ୍ତ କରିଛି। ଏହି ମ୍ୟାଚକୁ ଶଶିକାନ୍ତ ଦାଶିଆ, ରାଜୁ ମହାନ୍ତି, ଅନିଲ ନନ୍ଦ ଓ ଦେବରାଜ ସ୍ୱାଇଁ ପରିଚାଳନା କରିଥିଲେ। ମାୟାଧର ସାହୁ ମ୍ୟାଚ କମିଶନର ଥିଲେ। ମୁଖ୍ୟ ଅତିଥି ଭାବେ ସିନର୍ଜୀ କଲେଜର ଚେୟାରମ୍ୟାନ ବିନୋଦ ଦାଶ, ସମ୍ମାନିତ ଅତିଥି ଭାବେ ଯୁବରାଜ ଅମରଜ୍ୟୋତି ସିଂହଦେଓ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କ୍ରୀଡା ସଂଘ ସମ୍ପାଦକ ନଳିନୀ କୁମାର ଦାସ, ଉପସଭାପତି ସଞ୍ଜୟ କୁମାର ଭଞ୍ଜଙ୍କ ସମେତ ସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ସୁଶାନ୍ତ ପାଣି ଓ ସରୋଜ କୁମାର ପାଢୀ ଧାରା ବିବରଣୀ ପ୍ରଦାନ କରିଥିଲେ।

# ସକାରାତ୍ମକ ମନୋଭାବ ରଖିବାକୁ ପରାମର୍ଶ

ଢେଙ୍କାନାଳ,୧୦।୧୦(ରତନ ନାୟାର)

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଏମ୍‌ବିଏ, ଏମ୍‌ଏସ୍‌ସି ବୈଷୟିକ ବିଭାଗ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଡ. ରଞ୍ଜିତ କୁମାର ପ୍ରଧାନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଏକାଗ୍ରତା, ସହନଶୀଳତା ଓ ସକରାତ୍ମକ ମନୋଭାବ ରଖି ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ଡ. ଭବାନୀ ଶଙ୍କର ମିଶ୍ର ଯୋଗଦେଇ ସଂଯମର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଡ. ବିରଞ୍ଚି ନାରାୟଣ ସେଠ, ବିଭାଗୀୟ ସଂଯୋଜକ ଡ. ଅନିରୁଦ୍ଧ ଖିଲାର ଉପସ୍ଥିତ ଥିଲେ। ବିଭାଗୀୟ ମୁଖ୍ୟ ପ୍ରଦ୍ୟୁମ୍ନ କୁମାର ଦାଶ, ଅଧ୍ୟାପିକା ମାନସୀ ରଥ, ଅଧ୍ୟାପିକା ରୋଜାଲିନ ବେହେରା, ଅଧ୍ୟାପିକ ଇନ୍ଦିରା ପ୍ରିୟଦର୍ଶିନୀ ସାହୁ, ଅଧ୍ୟାପକ ସୁଶାନ୍ତ କୁମାର ପାଲ, ମୃତ୍ୟୁଞ୍ଜୟ ପଣ୍ଡା, ସନ୍ତୋଷ କୁମାର ନନ୍ଦ, ବିଭାଗୀୟ ସମସ୍ତ କର୍ମଚାରୀ ଓ ଛାତ୍ରୀଛାତ୍ର ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ଜୁଆ ଆଡ୍ଡାରେ ଚଢାଉ, ୬ ଗିରଫ**

ଅନୁଗୋଳ,(ଅମିତ କୁମାର ସାମଲ)- ବିଇଡି କଲେଜ ପଛ ପାର୍ଶ୍ୱରେ ଜୁଆ ଖେଳ ଉପରେ ଅନୁଗୋଳ ପୋଲିସ ଚଢାଉ କରି ୬ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସଦରଥାନା ଖଲାରୀ ଗ୍ରାମର ସୁଶାନ୍ତ ନାୟକ, ମଦନମୋହନପଡାର ଆନନ୍ଦ ସାହୁ, ବିଇଡି କଲେଜ ଅଞ୍ଚଳର ମିଥୁନ ବେହେରା, ସଞ୍ଜୟ ବାରିକ, ଚିନ୍ମୟ ଜଗଦଲା ଓ ଜରପଡା ଥାନା ଡୁମୁସିଂହ ଗ୍ରାମର ସହଦେବ ଗୋଛାୟତ। ଏଥିସହ ୧୭ ହଜାର ୫୨୦ ଟଙ୍କା, ୩ ମୋଟର ସାଇକେଲ ଓ ୪ ମୋବାଇଲ ଜବତ କରାଯାଇଛି।

# ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ

ପରଜଙ୍ଗ,୧୦।୧୦ (ନିଗମାନନ୍ଦ ଦଳବେହେରା)

ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଛି। ବିଜେଡି ନେତା ତଥା ଯୁବଶକ୍ତି ସମର୍ପିତ ଓଡ଼ିଶା ପକ୍ଷରୁ ହିମାଂଶୁ ଭୂଷଣ ବାରିକ ଏହି ଫଳ ବଣ୍ଟନ କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହୋଇଥିବା ବିଜୁ ସ୍ୱାସ୍ଥ୍ୟକାର୍ଡ ଓ ଜନକଲ୍ୟାଣ ଯୋଜନା ଦ୍ୱାରା ଅଞ୍ଚଳର ଲୋକମାନେ ଉପକୃତ ହେଉଥିବା ସେ କହିବା ସହ ପରଜଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ରରେ ଆହୁରି କେମିତି ଅଧିକ ଯନ୍ତ୍ରପାତି ରହିବା ସହ ଉନ୍ନତ ଚିକିତ୍ସା ମିଳିପାରିବ ସେ ଦିଗରେ ସରକାର ଗୁରୁତ୍ୱ ରଖିବା ପାଇଁ ସେ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ସନ୍ଦୀପ ଖିଲାର, ଦୁଷ୍ମନ୍ତ ସାହୁ, ଶ୍ରୀତମ ସାହୁ ଏବଂ ମେଡିକାଲ କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ମୁକ୍ତାପଶି ମେଡିକାଲରେ ମଧ୍ୟ ଯୁବଶକ୍ତି ଅଧକ୍ଷ ବାରିକ ଫଳ ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ସୁରଜ କୁମାର ବେହେରା, ପ୍ରଶାନ୍ତ କୁମାର ସାହୁ, ସାମାଜିକ କର୍ମୀ ଗଣେଶ ଦେହୁରୀ ଏବଂ ମେଡିକାଲ କର୍ମଚାରୀ ଉପସ୍ଥିତ ରହିଥିଲେ।

# ଅଧ୍ୟାପକ ହେବାକୁ ଲକ୍ଷ୍ୟ ରଖିଥିବା ଜଗବନ୍ଧୁ ଏବେ ଶଯ୍ୟାଶାୟୀ

- ୯୦ ପ୍ରତିଶତ ନଷ୍ଟ ହୋଇଯାଇଛି ୨ଟି କିଡ୍‌ନୀ
- ଚିକିତ୍ସା ପାଇଁ ଅର୍ଥ ନ ଥିବାରୁ ଚିନ୍ତାରେ ମା' ବାପା
- ଯୁକ୍ତ ୩ରେ ପ୍ରଥମ ଶ୍ରେଣୀରେ ହୋଇଥିଲେ ଉତ୍ତୀର୍ଣ୍ଣ

ପରଜଙ୍ଗ,୧୦।୧୦ (ନିଗମାନନ୍ଦ ଦଳବେହେରା)


କିଡ୍‌ନୀ ରୋଗରେ ଆକ୍ରାନ୍ତ ପୁଅ ଜଗବନ୍ଧୁଙ୍କୁ ଖୁଆଇ ଦେଉଛନ୍ତି ମା'।

ଇଚ୍ଛା ଥିଲା ଅଧ୍ୟାପକ ହେବେ। ରାଜମିସ୍ତ୍ରି କାମ କରୁଥିବା ବାପାଙ୍କ ଅଭାବୀ ସଂସାରର ବୋଝକୁ ସହଜ କରିଦେବେ। ସେଥିପାଇଁ ନାନା ଅଭାବ ଅସୁବିଧା ମଧ୍ୟରେ ବି ଅଧ୍ୟୟନ କ୍ଷେତ୍ରକୁ ସର୍ବଦା ଅଗ୍ରାଧିକାର ଦେଉଥିଲେ। ଏପରି କି ତାଳଚେର ସ୍ୱୟଂଶାସିତ କଲେଜରୁ ଯୁକ୍ତ ୩ରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ମଧ୍ୟ ହୋଇଥିଲେ। ଉଚ୍ଚତର ଶିକ୍ଷା ପାଇଁ ଅର୍ଥ ଯୋଗାଡ଼ ଉଦ୍ଦେଶ୍ୟରେ ଜଣେ ଠିକାଦାରଙ୍କ ନିକଟରେ ପାର୍ଟଟାଇମ୍ କାମ କରୁଥିଲେ। ହେଲେ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପଥରେ ବାଧକ ସାଜିଲା କିଡ୍‌ନୀ ରୋଗ। ୨ଟି ଯାକ କିଡ୍‌ନୀର ୯୦ ଭାଗ ନଷ୍ଟ ହୋଇଯାଇଥିବାରୁ ଏବେ ଶଯ୍ୟାଶାୟୀ ହୋଇପଡ଼ିଛନ୍ତି ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ପିଡିରି ଗାଁର ମେଧାବୀ ଛାତ୍ର ଜଗବନ୍ଧୁ ରାଉତ (୨୪)। ପୁଅକୁ ଗୋଟିଏ କିଡ୍‌ନୀ ଦେବାକୁ ବାପା ଦୁଃଖବନ୍ଧୁ ପ୍ରସ୍ତୁତ ଥିଲେ ହେଁ ଏଥିପାଇଁ ୨୦ରୁ ୨୫ ଲକ୍ଷ ଟଙ୍କା ଆବଶ୍ୟକ ବୋଲି ଡାକ୍ତର କହୁଛନ୍ତି। ଫଳରେ ସରକାରୀ ଓ ବେସରକାରୀ ସହାୟତା ପାଇଁ ହାତ ପାତିଛନ୍ତି ଅସହାୟ ଛାତ୍ର ଜଗବନ୍ଧୁ ଓ ବାପା ଦୁଃଖବନ୍ଧୁ।

ଦୁଃଖବନ୍ଧୁ କହିଛନ୍ତି, ତାଙ୍କର ୩ ଝିଅ ଓ ଗୋଟିଏ ପୁଅ। ରାଜମିସ୍ତ୍ରି କାମ କରି ଯାହା ରୋଜଗାର କରନ୍ତି ତାହା ପରିବାର ଚଳାଇବାକୁ ନିଅଣ୍ଟ। ତଥାପି ପୁଅ ଜଗବନ୍ଧୁ ପିଲାବେଳୁ ଭଲ ପାଠ ପଢ଼ନ୍ତି। ଅଧ୍ୟାପକ ହେବାର ସ୍ୱପ୍ନ ଥିବାରୁ ସେ ଦିଗରେ ଉଦ୍ୟମ କରିଆସିଛନ୍ତି। ହେଲେ ହଠାତ୍ ପୁଅର ଦେହ ଅସୁସ୍ଥ ହେଲା। ତୁରନ୍ତ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ଡାକ୍ତର ଜଗବନ୍ଧୁଙ୍କ ୨ଟି ଯାକ କିଡ୍‌ନୀ ୯୦ ଭାଗ ନଷ୍ଟ ହୋଇଯାଇଥିବା କହିଥିଲେ। ଏହା ଜାଣିବା ପରେ ତାଙ୍କ ପାଦ ତଳୁ ଯେପରି ମାଟି ଖସିଯାଇଥିଲା। ପରିବାରର ସମସ୍ତ ସଦସ୍ୟ ଭାଙ୍ଗି ପଡ଼ିଥିଲେ। ଜୀବନର ଲକ୍ଷ୍ୟ ପୂରଣ ସମୟ ପାଖେଇ ଆସୁଥିବା ବେଳେ ଭାଗ୍ୟର ଏମିତି ବିଡ଼ମ୍ବନା ପୂରା ପରିବାରକୁ ଅସହାୟ କରିଦେଇଥିଲା। ପାଖରେ ଅର୍ଥ ନ ଥିବାରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସେ ପୁଅର ଚିକିତ୍ସା କରିଥିଲେ। ହେଲେ କିଡ୍‌ନୀ ପ୍ରତିରୋପଣ ବ୍ୟତୀତ ଅନ୍ୟ କୌଣସି ଉପାୟ ନ ଥିବା ଡାକ୍ତର କହିଥିଲେ। ପୁଅକୁ ଗୋଟିଏ କିଡ୍‌ନୀ ଦେବାକୁ ସେ ପ୍ରସ୍ତୁତ ଥିବା ଜଣାଇବା ପରେ ଡାକ୍ତର ଏଥିପାଇଁ ୨୦ରୁ ୨୫ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି କହିଥିଲେ। ପୁଅର ଚିକିତ୍ସା ପାଇଁ ହାତଉଧାରି ବହୁ ଟଙ୍କା ଆଣିଥିବା ବେଳେ ଜାଗାବାଡ଼ି ବୋଲି କିଛି ନାହିଁ। ତେଣୁ ସରକାର ଓ ସହୃଦୟ ବ୍ୟକ୍ତିଙ୍କ ସହାୟତା ହିଁ ତାଙ୍କ ପୁଅକୁ ଭଲ କରିପାରିବ ବୋଲି ଦୁଃଖବନ୍ଧୁ କହିଛନ୍ତି। ତେଣୁ ସହାୟତା କରିବାକୁ ଚାହୁଁଥିବା ଲୋକେ ଫୋନ ନମ୍ବର ୯୬୯୨୫୩୫୫୯୮ରେ ତାଙ୍କୁ ସାହାଯ୍ୟ କରିପାରିବେ ବୋଲି ଦୁଃଖବନ୍ଧୁ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ପରଜଙ୍ଗ ବିଡିଓ ମନ୍ମଥ ନାୟକ କହିଛନ୍ତି, ଘଟଣା ବିଷୟରେ ସେ ଜିଲାପାଳଙ୍କୁ ପତ୍ର ମାଧ୍ୟମରେ ଜଣାଇବା ସହିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ମଧ୍ୟ ଚିଠି କରିଛନ୍ତି। ଖୁବ୍‌ଶୀଘ୍ର ଜଗବନ୍ଧୁଙ୍କ ଚିକିତ୍ସା ବ୍ୟବସ୍ଥା କରାଯିବ।

# ୨୫ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା


ବିଶ୍ୱ ବୟୋବୃଦ୍ଧ ଦିବସ ପାଳନ ଅବସରରେ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ।

ଢେଙ୍କାନାଳ,୧୦।୧୦(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଗଇଲୋସ୍ଥିତ ଐରା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ପରିଚାଳିତ କୃତିବାସ ବଡ଼ପଣ୍ଡା ବରିଷ୍ଠ ନାଗରିକ ଗୃହ ପରିସରେ ବିଶ୍ୱ ବୟୋବୃଦ୍ଧ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦିଲୀପ କୁମାର ବିଶ୍ୱାଳ, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ଜ୍ୟୋତିଶଚନ୍ଦ୍ର ମହାପାତ୍ର, ଜିଲା ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ, ବିପିଏମ୍ ଦୀପକ ସାହୁଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ଡାକ୍ତର ଓ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ୨୫ଜଣ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ପ୍ରଦାନ କରାଯାଇଥିଲା। କମ୍ବଳ ଓ ବେଡସିଟ୍ ମଧ୍ୟ ପ୍ରଦାନ କରାଯାଇଥିଲା। ସାମାଜିକ କର୍ମୀ ପ୍ରଦ୍ୟୁମ୍ନ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଐରା ଅନୁଷ୍ଠାନର ସ୍ମୃତିରଞ୍ଜନ ରଥ ଓ ସରୋଜ କରଣ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଶିଶୁ ମନ୍ଦିର ପାଚେରି ଭିତ୍ତିପ୍ରସ୍ତର ସ୍ଥାପନ

ସାତମାଇଲ,୧୦।୧୦ (ସୁଶାନ୍ତ ପତି)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପାଚେରି ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏମ୍‌ପିଙ୍କ ସୁପାରିଶ କ୍ରମେ ଜିଲା ଖଣିଜ ପାଣ୍ଠିରୁ ଏଥିପାଇଁ ୪ ଲକ୍ଷ ଟଙ୍କା ଅନୁଦାନ ରାଶି ଯୋଗାଇ ଦିଆଯାଇଛି। ଏହି ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଓଡ଼ାପଡ଼ା ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି, ଓଡ଼ାପଡ଼ା ସରପଞ୍ଚ ସୁଭଦ୍ରା ସାହୁ, ବିଦ୍ୟାଳୟ ସଭାପତି ବସନ୍ତ କୁମାର ବେହେରାଙ୍କ ସହିତ ବିଦ୍ୟାଳୟର ଗୁରୁମା ଗୁରୁଜୀମାନେ ଉପସ୍ଥିତ ଥିଲେ।


ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଏମ୍‌ପିଙ୍କ ସହିତ ଅନ୍ୟମାନେ।

# ପ୍ରତିଭା ପ୍ରଦର୍ଶନ କଲେ ୫୬୧ ପ୍ରତିଯୋଗୀ


କାର୍ଯ୍ୟକ୍ରମରେ ଅତିଥିଙ୍କ ସହ କୃତୀ ଛାତ୍ରୀମାନେ।

ଭୁବନ ୧୦।୧୦ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ମଙ୍ଗଳବାର ନୂଆଭୁବନ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଭୁବନ ବ୍ଲକ ଓ ଏନ୍‌ଏସିର ସମସ୍ତ କ୍ଲଷ୍ଟର ଉଚ୍ଚ ମାଧ୍ୟମିକ, ଉଚ୍ଚ ବିଦ୍ୟାଳୟ ଓ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ୧୩ଟି ବିଭାଗରେ ୫୬୧ ପ୍ରତିଯୋଗୀ ଭାଗନେଇ କୃତିତ୍ୱ ଅର୍ଜନ କରି ଜିଲାସ୍ତରକୁ ମନୋନୀତ ହୋଇଥିଲେ। ଉଦ୍‌ଘାଟନ ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିପିନ ବିହାରୀ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଗୁଣର ବିକାଶ ପାଇଁ ପ୍ରତିଭା ଚୟନ ସମ୍ପର୍କରେ ଅବଗତ କରାଇଥିଲେ। ବ୍ଲକ ଶିକ୍ଷା ଅଧିକାରୀ ରୁଦ୍ରନାରାୟଣ ସାମଲ ସଭାପତିତ୍ୱ କରିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରଧାନ ଶିକ୍ଷକ ଖଗେଶ୍ୱର ବେହେରା, ରାଜଲକ୍ଷ୍ମୀ ଟୁଡୁ ଓ ପୁଷ୍ପାଞ୍ଜଳୀ ମିଶ୍ର ଅତିଥି ଭାବେ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଶିକ୍ଷକ ଗୁରୁପ୍ରସାଦ ମିଶ୍ର ଓ ଶିକ୍ଷୟିତ୍ରୀ ସୁନିତା ମହାପାତ୍ର ପରିଚାଳନା କରିଥିଲେ। ସମସ୍ତ ସିଆରସିସି, ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

# ନବାଗତ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା


ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଅତିଥିମାନେ।

ସାତମାଇଲ,୧୦।୧୦ (ସୁଶାନ୍ତ ପତି)

ଢେଙ୍କାନାଳ ଜିଲା ଓପିଏସ ମହାବିଦ୍ୟାଳୟରେ ସଂସ୍କୃତ ସମ୍ମାନ ବିଭାଗ ଦ୍ୱାରା ନବାଗତ ଛାତ୍ରୀଛାତ୍ରମାନଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଶମ୍ଭୁ ପ୍ରସାଦ ପ୍ରଧାନ ମୁଖ୍ୟଅତିଥି ଭାବେ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ସଂସ୍କୃତ ଓ ସଂସ୍କୃତିର ମହନୀୟତା ରକ୍ଷା କରିବାକୁ ଆହ୍ୱାନ ଜଣାଇଥିଲେ। ଏହି ଉତ୍ସବର ଅନ୍ତିମ ପର୍ଯ୍ୟାୟରେ ବୈଦିକ ଦେବତାଙ୍କ ସ୍ୱରୂପ ସମ୍ପର୍କିତ ନିବନ୍ଧ ପାଠ କରାଯାଇଥିଲା। ସୁଶ୍ରୀ ମୋହିନୀ ମହାପାତ୍ର, ସୁଶ୍ରୀ ପ୍ରଣତି ବେହେରା ଓ ଶର୍ମିଷ୍ଠା ମହାନ୍ତି ଏହି ନିବନ୍ଧ ପାଠ କରିଥିଲେ। ସେହିପରି ଅମିତ କୁମାର ଦାଶ ବେଦପାଠ କରିଥିଲେ। ବିଭାଗୀୟ ମୁଖ୍ୟ ଡ. ତପନ କୁମାର ପଣ୍ଡା ପୌରୋହିତ୍ୟ କରିବା ସହ ନିବନ୍ଧ ଅନୁଶୀଳନ କରିଥିଲେ। ଅଧ୍ୟାପକ ଡ. ଦୀନନାଥ ଦାସ, ଅଧ୍ୟାପିକା ସୁଶ୍ରୀ ଲିପ୍ସିତା ପଟ୍ଟନାୟକ, ବିଭାଗୀୟ ସମ୍ପାଦିକା ସୁଶ୍ରୀ ଅର୍ଚ୍ଚନା ଏବଂ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

# କଲେଜ ରୂପାନ୍ତରଣର ସୁଯୋଗ ନିଅ



ଓ.ପି.ଏସ୍. ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ ଅତିଥିମାନେ।

ସାତମାଇଲ,୧୦।୧୦(ସୁଶାନ୍ତ ପତି)

ଢେଙ୍କାନାଳ ଜିଲା ହିନ୍ଦୋଳରୋଡ୍ ସ୍ଥିତ ଓ.ପି.ଏସ୍ ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ଡ. ଶମ୍ଭୁ ପ୍ରସାଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ମୁଖ୍ୟମନ୍ତ୍ରୀଙ୍କ ସତନ୍ତ୍ର ସହାୟତା ଯୋଜନା ସମ୍ପର୍କରେ ଏକ ସତନ୍ତ୍ର ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ମୁଖ୍ୟ ଅତିଥିଭାବେ ଗ୍ରାମ୍ୟ ଉନ୍ନୟନ ବିଭାଗ ଢେଙ୍କାନାଳର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୋନାଲି ସୁଚରିତା ରାଉତ ଯୋଗଦେଇ ମହାବିଦ୍ୟାଳୟର ରୂପାନ୍ତରୀକରଣ ସମ୍ପର୍କରେ ସୂଚନା ଦେବା ସହ ମୁଖ୍ୟମନ୍ତ୍ରୀଙ୍କ ସତନ୍ତ୍ର ସହାୟତା ଯୋଜନା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ବିଭାଗର ଅନ୍ୟତମ ଯନ୍ତ୍ରୀ ଦେବାଶିଷ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ରୂପାନ୍ତରୀକରଣରର ବିସ୍ତୃତ ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ। ଓଡ଼ାପଡ଼ା ବ୍ଲକର ଯନ୍ତ୍ରୀ ବିଭୂତି ଭୂଷଣ ସାହୁ, ମିତାଞ୍ଜଳି ଦାସ ଏବଂ ମୋ କଲେଜ ଅଭିଯାନର ସଦସ୍ୟ ପର୍ଶୁରାମ ମହାନ୍ତି ଯୋଗଦେଇ ମହାବିଦ୍ୟାଳୟର ରୂପାନ୍ତରୀକରଣର ସୁଯୋଗ ନେବା ସହିତ ନିଜ ଭବିଷ୍ୟତ ଗଠନ ପାଇଁ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ସଭାପତି ଡ. ପ୍ରଧାନ ଗ୍ରାମୀଣ ଶିକ୍ଷାର ବିକାଶରେ ମୁଖ୍ୟମନ୍ତ୍ରୀଙ୍କ ଅକୁଣ୍ଠ ସହଯୋଗ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ସଭାରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରାଧ୍ୟାପକ ଗୁରୁଚରଣ ରାଉତରାୟ ପରିଚାଳନା କରିଥିବାବେଳେ ବିଜୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଦେବାଶିଷ ସଭାପତି, ବାବୁନି ସମ୍ପାଦକ

କାମାକ୍ଷାନଗର, ୯।୧୦ (ସୁଧୀର କୁମାର ପରିଡ଼ା)

କାମାକ୍ଷାନଗର ଜିରିଡାମାଳି ଓ ମାଳପୁରାକୁ ନେଇ ଗଠିତ ମା' ତାରିଣୀ ବଜାରର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିସହ ପ୍ରତ୍ୟେକ ବର୍ଷ ଭଳି ଚଳିତବର୍ଷ ଦୁର୍ଗା ପୂଜା ପାଇଁ ପ୍ରସ୍ତୁତି ବୈଠକ ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ବଜାରର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ସର୍ବସମ୍ମତି କ୍ରମେ ଦେବାଶିଷ ବିଶ୍ୱାଳଙ୍କୁ ସଭାପତି, ବାବୁନି ରାଉତ ସମ୍ପାଦକ, ଉପସଭାପତି ମନୋଜ ମହାରଣା, କୋଷାଧ୍ୟକ୍ଷ ଦେବୀଦତ୍ତ ମହାପାତ୍ର, ଉପଦେଷ୍ଟା ନିମାଇଁ ଚରଣ ସ୍ୱାଇଁଙ୍କୁ ମନୋନୀତ କରାଯାଇଥିଲା। କିଭଳି ଭାବେ ଶାନ୍ତି ଶୃଙ୍ଖଳାର ସହିତ ପୂଜା ଓ ଭସାଣି ଉତ୍ସବ ଅନୁଷ୍ଠିତ ହେବ ସେ ବିଷୟରେ ଆଲୋଚନା ହୋଇଥିଲା। ସଭା ଶେଷରେ ସୌମ୍ୟରଞ୍ଜନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ


ସୁରଭି କାର୍ଯ୍ୟକ୍ରମରେ ନୃତ୍ୟ ପରିବେଷଣ କରୁଛନ୍ତି ଶିଶୁ କଳାକାର।

ସାତମାଇଲ,୧୦।୧୦ (ସୁଶାନ୍ତ ପତି)

ଓଡ଼ାପଡ଼ା ଉଚ୍ଚ ବିଦ୍ୟାଳୟ ଠାରେ ଓଡ଼ାପଡ଼ା ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର କାଲୋଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡ଼ାପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମିୟକାନ୍ତ ସ୍ୱାଇଁ ଓ ବ୍ଲକ ସହକାରୀ କୃଷି ଅଧିକାରୀ ଦୀପ୍ତି ଦିପାଲି, ଜିଲା ପରିଷଦ ସଦସ୍ୟ ବାଳକୃଷ୍ଣ ସାହୁ, ପ୍ରଧାନ ଶିକ୍ଷକ ବିଭୂତି ଭୂଷଣ ସାହୁ, ମିଲେଟ ମିଶନର ରଞ୍ଜନ ସାହୁ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଅପରାହ୍ନ ୪ଟାରେ ମହୋତ୍ସବ ଉଦ୍‌ଯାପିତ ହୋଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ମହେଶ ସାହୁ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି ଓ ସୁମିତ୍ରା ପଟ୍ଟନାୟକ, ଶ୍ରୀଧର ସ୍ୱାଇଁ ଯୋଗ ଦେଇଥିଲେ। ଓଡ଼ାପଡ଼ା ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ହୃଦାନନ୍ଦ ଦ୍ୱିବେଦୀ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ବିଆର୍‌ସି ଶ୍ରୀଧର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜସ୍ୱ ବୃଦ୍ଧି ଉପରେ ଗୁରୁତ୍ୱାରୋପ

କାମାକ୍ଷାନଗର,୧୦।୧୦ (ସୁଧୀର କୁମାର ପରିଡ଼ା)

କାମାକ୍ଷାନଗର ଉପଜିଲାପାଳଙ୍କ ସଭାଗୃହରେ ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଉପଖଣ୍ଡସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। କାମାକ୍ଷାନଗର ଉପଖଣ୍ଡର କାମାକ୍ଷାନଗର, ପରଜଙ୍ଗ, କଙ୍କଡାହାଡ଼ ଓ ଭୁବନ ବ୍ଲକର ସମସ୍ତ ତହସିଲ ସର୍କଲ ଅନ୍ତର୍ଗତ ରାଜସ୍ୱ ନିରୀକ୍ଷକ ଉପସ୍ଥିତ ରହି ରାଜସ୍ୱ ବୃଦ୍ଧି ଉପରେ ଆଲୋଚନା କରିଥିଲେ। କାମାକ୍ଷାନଗର ତହସିଲଦାର ଓମପ୍ରକାଶ ମହାନ୍ତି, ପରଜଙ୍ଗ ତହସିଲଦାର ଶିରିୟଲ ଶୁଭ୍ର ପଟେଲ, କଙ୍କଡାହାଡ଼ ତହସିଲଦାର ଚିନ୍ମୟ କୁମାର ଦାସ, କାମାକ୍ଷାନଗର ଅତିରିକ୍ତ ତହସିଲଦାର ଝସକେତନ ନାୟକ, କଙ୍କଡାହାଡ଼ ଅତିରିକ୍ତ ତହସିଲଦାର ରବୀନ୍ଦ୍ର ସାମଲ, କାମାକ୍ଷାନଗର ରାଜସ୍ୱ ଅଧିକାରୀ ମଦନମୋହନ ଜେନା, ଦୀପକ ମିଶ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।


ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀମାନେ।

# ସହଯୋଗ କଲେ ଆଡ଼ମ୍ବରରେ ହେବ ଯାତ୍ରା



ବୈଠକରେ ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କ ସହ ଅନ୍ୟମାନେ।

**ବଳଦଯାତ୍ରା ପାଇଁ ପ୍ରଶାସନିକ ସ୍ତରରେ ଶାନ୍ତି କମିଟି ବୈଠକ**

ଭୁବନ,୧୦।୧୦ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନର ଐତିହାସିକ ଳଦଯାତ୍ରା ପାଇଁ ମଙ୍ଗଳବାର ସ୍ଥାନୀୟ ଏନ୍‌ଏସି ସଭାଗୃହ ପରିସରରେ ପ୍ରଶାସନ ପକ୍ଷରୁ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ତଥା କାମାକ୍ଷାନଗର ଉପଜିଲାପାଳ ନାରାୟଣ ନାୟକ ସଭାପତିତ୍ୱ କରିଥିଲାବେଳେ ନଗରପାଳ ଶୁଭେନ୍ଦୁ କୁମାର ସାହୁ ଅତିଥି ଭାବେ ଯୋଗଦେଇ ବଳଦଯାତ୍ରା ଓ ରାବଣ ପୋଡି ଏବଂ ଦୁର୍ଗାପୂଜା ଭସାଣି ସମ୍ପର୍କରେ ଆଲୋଚନା କରିଥିଲେ। ତହସିଲଦାର ଅଂଶୁମାନ ମହାପାତ୍ର, ଏନ୍‌ଏସି ନିର୍ବାହୀ ଅଧିକାରୀ ଅପୂର୍ବ ରଞ୍ଜନ ଆଏଚ, ଥାନା ଅଧିକାରୀ ଅମିକା ପଟ୍ଟନାୟକ, ଦମକଳବାହିନୀ ମୁଖ୍ୟ ମନୋରଞ୍ଜନ ବିଶ୍ୱାଳ, ବିଦ୍ୟୁତ୍ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ ଓ ଏନ୍‌ଏସି କର୍ମଚାରୀ ଉପସ୍ଥିତ ଥିଲେ। ପ୍ରଶାସନକୁ ଶାନ୍ତି କମିଟି ସହଯୋଗ ରହିଲେ ମହା ଆଡ଼ମ୍ବରରେ ଯାତ୍ରା କରାଯିବ ବୋଲି ଆଲୋଚନା କରାଯାଇଥିଲା। ଯାତ୍ରା କମିଟି ସଭାପତି ଦିଲୀପ ଦାସ, ବରିଷ୍ଠ କର୍ମକର୍ତ୍ତା କୁଞ୍ଜବିହାରୀ ଚିନରା, ନରେନ୍ଦ୍ର ସାହୁ, ସମୀର କୁମାର ସାହୁ, ସୁରେନ୍ଦ୍ର କୁମାର ପୃଷ୍ଟି, ମାତୃପ୍ରସାଦ ମିଶ୍ର, ନିରଞ୍ଜନ ପୃଷ୍ଟି, ବିଶ୍ୱନାଥ ସାହୁ, ଅଜୟ କୁମାର ସେଠୀ, ଖଗେଶ୍ୱର ନାୟକ, ଶ୍ରୀକାନ୍ତ କୁମାର ସାହୁ, ରାମଚନ୍ଦ୍ର ରାଉତଙ୍କ ସମେତ ସମସ୍ତ ଶାନ୍ତି କମିଟି କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ମାନସିକ ରୋଗୀଙ୍କୁ ଆପଣାଇବାକୁ ପରାମର୍ଶ

କାମାକ୍ଷାନଗର,୧୦।୧୦ (ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ତାଲୁକ ଆଇନ ସେବା କମିଟି ପକ୍ଷରୁ ମଙ୍ଗଳବାର କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟ ପରିଷରରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। କାମାକ୍ଷାନଗର ଅତିରିକ୍ତ ଜିଲା ଦୌରାଜଜ୍ ତଥା ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ମଧୁମିତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏସ୍‌ଡିଜେଏମ୍ ସରୋଜିନୀ ସାହୁ ଉପସ୍ଥିତ ରହି ମାନସିକ ରୋଗୀଙ୍କୁ ଆଦରି ନେଲେ ସ୍ୱାସ୍ଥ୍ୟରେ ସୁଧାର ଆସିବ ବୋଲି କହିବା ସହ ଆଇନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଡାକ୍ତର ମିଥୁନ ମେହେର, ଡାକ୍ତର ଇନ୍ଦିରା ପ୍ରିୟଦର୍ଶିନୀ ମିଶ୍ର ଉଉପସ୍ଥିତ ରହି ମାନସିକ ରୋଗୀଙ୍କ ଚିକିତ୍ସା ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିମାନେ ଅନ୍ତେବାସୀ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଙ୍ଗୀତା ପ୍ରଧାନ, ରାଜେନ୍ଦ୍ର ହାଂସଦା, କାର୍ତ୍ତିକେଶ୍ୱର ପରିଡା, ହିଂମାଶୁ ଶେଖର ଆଚାର୍ଯ୍ୟ ପ୍ରମୁଖ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

